## ■ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବକୁ ବିରୋଧ

# ୨୮ରେ ବିଜେଡିର ବନ୍ଦ ଡାକରା

ଉମରକୋଟ, ୨୫।୧୧(ଡି.ଏନ୍.ଏ.)

ଉମରକୋଟ ସହର ଦାଢ଼ିଗୁଡ଼ାରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବରିଷ୍ଠ ବିଜେଡି ନେତା ପ୍ରମୋଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉମରକୋଟ ଓ ଝରିଗାଁ ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବିକାଶରେ କେନ୍ଦ୍ର ସରକାର ବୈମାତୃକ ମନୋଭାବ ଦେଖାଉଛନ୍ତି। ୨୦୧୭ରେ ପାପଡାହାଣ୍ଡିଠାରୁ ରାଇଘର ଭାୟା ଛତିଶଗଡ଼ ଧମ୍‌ତେରି ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ତାହା ଏଯାବତ୍ ଶେଷ ହୋଇନି। ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ବିଜେଡି ନେତାମାନେ କହିଥିଲେ। ଏହି କାମ ତୁରନ୍ତ ଆରମ୍ଭ କରିବାକୁ ଦାବି ହୋଇଛି। ଏଥିସହ ୨ବର୍ଷ ତଳେ ଉମରକୋଟରୁ ଖିଲଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ତାହା ଏବେ ଶୋଚନୀୟ ହୋଇପଡିଛି। ରାସ୍ତା ନିର୍ମାଣରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ପକ୍ଷରୁ ଦାବି ହୋଇଛି। ଏହି ସବୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଆସନ୍ତା ୨୮ ତାରିଖରେ ବିଜେଡି ୪ଘଣ୍ଟିଆ ବନ୍ଦ ଡାକରା ଦେଇଛି। ଏହି ବନ୍ଦ ୮ଟାରୁ ଆରମ୍ଭ ହୋଇ ୧୨ଟାରେ ସରିବ। ଏହି ସମୟରେ ଗାଡି ମୋଟର ଚଳାଚଳ, ଦୋକାନ ବଜାର ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିବ। ଏହି ବୈଠକରେ ଉମରକୋଟ ବ୍ଲକ ବିଜେଡି ସଭାପତି ମନୋଜ କୁମାର ଧଳ, ଝରିଗାଁ ସଭାପତି ଅଜିତ ପ୍ରଧାନ, ରାଇଘର ସଭାପତି ରାଇସିଂ ଗଣ୍ଡ, ରାଇଘର ବ୍ଲକ ପୂର୍ବତନ ଚେୟାରମ୍ୟାନ ଚିତ ଗଣ୍ଡ, ଉମରକୋଟ ଟାଉନ ସଭାପତି ସନ୍ତୋଷ ପରିଚ୍ଛା, କର୍ମୀ ଅକ୍ଷୟ ବିଶୋୟୀ, କାଳୁପଣ୍ଡା, ବୁଜି ରାଓ, ଛନ୍ଦା ଜେନା, ଚିନାବାବୁ, ଭିଜି ନାୟକ, ଉପେନ୍ଦ୍ର ଗଣ୍ଡ, ରାମନାଥ କେଉଟ, ପ୍ରଣବ ଭୂୟାଁ, ଡବୁଲୁ ଗଣ୍ଡ, କରସିଂ ମାଝି, ପେଣ୍ଡ୍ରା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଦଳୀୟ କର୍ମୀ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ହଷ୍ଟେଲ ମାଲିକଙ୍କ ପୁଅ ଗିରଫ

ନବରଙ୍ଗପୁର, ୨୫।୧୧(ବି.ପ୍ର.)

ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ନବରଙ୍ଗପୁର ଜିଲା ଖାତିଗୁଡ଼ା ଥାନା ଅଞ୍ଚଳର ଏକ ଘରୋଇ ହଷ୍ଟେଲ ମାଲିକଙ୍କ ପୁଅଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଭ୍ରମର ହିଆଲ(୩୩)। ସୂଚନାନୁଯାୟୀ, ନାବାଳିକା ଗତ ୧୪ ତାରିଖରେ ସ୍କୁଲରୁ ଫେରି ନିଜ ରୁମ୍‌ରେ ଡ୍ରେସ୍ ଚେଞ୍ଜ କରୁଥିବାବେଳେ ଅଭିଯୁକ୍ତଜଣଙ୍କ ସେଠାରେ ପହଞ୍ଚି ତାଙ୍କ ସହ ଜବରଦସ୍ତି କରିଥିଲେ। ଏହି ସମୟରେ ନାବାଳିକା ପାଟି କରିବାରୁ ଅଭିଯୁକ୍ତଙ୍କ ଭାଉଜ ସେଠାକୁ ଆସିଥିଲେ। ଏହାପରେ ନାବାଳିକା ସେଠାରୁ ଖସି ଆସି ଖାତିଗୁଡ଼ାରେ ଥିବା ନିଜ ସାଙ୍ଗଘରେ ରହିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିବା ସହ ୨୨ ତାରିଖରେ ଏତଲା ଦେଇଥିଲେ। ପୋଲିସ ୨୩ ତାରିଖରେ ନାବାଳିକାଙ୍କୁ ନବରଙ୍ଗପୁର ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲା। ସ୍ଥାନୀୟ ସ୍ୱଧାର ଗୃହରେ ଦୁଇ ଦିନ ରଖିବା ସହ ସିଡବ୍ଲ୍ୟୁସି ନାବାଳିକାଙ୍କ କାଉନ୍‌ସେଲିଂ କରିଥିଲା। ସୋମବାର ନାବାଳିକାଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହାମଧ୍ୟରେ ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସୋମବାର କୋର୍ଟ ଚାଲାଣ କରିଛି। ୭୦/୧୯ରେ ମାମଲା ରୁଜୁ ହୋଇଛି। ଉକ୍ତ ଘରୋଇ ହଷ୍ଟେଲର ଲାଇସେନ୍ସ ଅଛି କି ନାହିଁ ସେ ନେଇ ତଦନ୍ତ ଚାଲିଛି।




## ନିଲମ୍ବିତ ନିର୍ବାହୀଯନ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

ନବରଙ୍ଗପୁର,୨୫।୧୧(ବି.ପ୍ର)

ନବରଙ୍ଗପୁର ସାଉଥ କୋ ୟୁଟିଲିଟି ବିଦ୍ୟୁତ ବିଭାଗର ନିର୍ବାହୀଯନ୍ତ୍ରୀ ଇଂ.ଭଗବାନ ପ୍ରଧାନ ଲାଞ୍ଚ ନେଇ ବିଦ୍ୟୁତ କାଟିବା ପାଇଁ ରାଜି ହେବା ଘଟଣାରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିଲେ। ଜୟପୁରର ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ. ମନ୍ମଥ ନାଥ ମିଶ୍ର ରବିବାର ଭଗବାନ ପ୍ରଧାନଙ୍କ ବିରୋଧରେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଏ ନେଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଇଂ. ଭଗବାନ ପ୍ରଧାନ ଏକ ଘରୋଇ କମ୍ପାନୀକୁ ଅନୁକମ୍ପା ଦେଖାଇ ବିଦ୍ୟୁତ କାଟ ପାଇଁ ରାଜି ହୋଇଥିବା ଏତଲାରେ ଉଲ୍ଲେଖ ରହିଛି। ୫ଲକ୍ଷ ଟଙ୍କା ସହ ବିଦେଶ ଭ୍ରମଣରେ ଲୋଭରେ ପଡି ଭଗବାନ ପ୍ରଧାନ ବିଦ୍ୟୁତ କାଟିବାକୁ ରାଜି ହୋଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି।

## ମକ୍‌ଡ୍ରିଲରେ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା


ଉପସ୍ଥିତ ଅତିଥିମାନେ।

ପାପଡାହାଣ୍ଡି,୨୫।୧୧(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ଦଳେଇଗୁଡ଼ାସ୍ଥିତ ମିନି ଷ୍ଟାଡିୟମରେ ସୋମବାର ଏନ୍‌ଡିଆରଏଫ୍ ପକ୍ଷରୁ ଏକ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏବିଡିଓ ବିଶ୍ୱନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ସିଡିପିଓ ଗୀତାରାଣୀ ସାହୁ, ଏବିଇଓ ବାଲକଦାସ ରନ୍ଧାରୀ, ବିଏସଏସଓ ନଗେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଟକ ମୁଣ୍ଡଳୀସ୍ଥିତ ତୃତୀୟ ବାଟାଲିୟନ ଇନ୍ସପେକ୍ଟର ସୁନୀଲ କୁମାର ଶାନ୍ତି ଓ ଅନ୍ୟ କର୍ମଚାରୀମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆତ୍ମସୁରକ୍ଷା ସହ ଅନ୍ୟମାନଙ୍କୁ କିଭଳି ବଞ୍ଚାଇ ପାରିବେ ସେ ନେଇ ମକ୍‌ଡ୍ରିଲ ମାଧ୍ୟମରେ ବିଭିନ୍ନ କୌଶଳ ଦେଖାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟର ପରବର୍ତ୍ତୀ ସ୍ଥିତି ମୁକାବିଲା କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସେହି ସମୟରେ ଚିକିତ୍ସା, ଲୋକଙ୍କୁ ସହାୟତା ଯୋଗାଇବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାପଡାହାଣ୍ଡି ଅଗ୍ନିଶମ ଅଧିକାରୀ ନରୋତ୍ତମ ପଣ୍ଡା, ସଚ୍ଚିଦାନନ୍ଦ ପଣ୍ଡା, ଗୋଲକ ବିହାରୀ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଡ୍‌କ୍ରସ ପକ୍ଷରୁ ଚାରାରୋପଣ

କୋଡିଙ୍ଗା, ୨୫।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡିଙ୍ଗା ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍କୁଲ ରେଡ୍‌କ୍ରସ ସୋସାଇଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସହରର କେଉଁ କେଉଁ ସ୍ଥାନରେ ଚାରା ରୋପଣ କରାଯିବ ଓ ବିଶ୍ୱ ଏଡ୍‌ଆଇଡି ଦିବସ କିଭଳି ପାଳନ ହେବ ସେ ନେଇ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ରେଡ୍‌କ୍ରସ ସଂଯୋଜକ ଅଖିଳ କୁମାର ଭଟ୍ଟ ମୁଖ୍ୟ ଅତିଥି, ଅଧ୍ୟାପକ ପ୍ରଦୀପ୍ତ ସାମନ୍ତ, ସୀମାଞ୍ଚଳ ପଟ୍ଟନାୟକ, ରବିନାରାୟଣ ପାଣିଗ୍ରାହୀ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ସୋମବାର ସ୍କୁଲ ପରିସରରେ ଚାରା ରୋପଣ କରାଯାଇଛି। ଆଗାମୀ ଦିନରେ ହସ୍ପିଟାଲ, ବସ୍‌ଷ୍ଟାଣ୍ଡରେ ମଧ୍ୟ ଚାରାରୋପଣ କରାଯିବ ବୋଲି ସୂଚନା ମିଳିଛି।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ମୃତଦେହ ଉଦ୍ଧାର

କୋରାପୁଟ,୨୫ା୧୧(ସ୍ୱ.ପ୍ର.): କୋରାପୁଟ ଟାଉନ ଥାନା କେଚଲା ନଦୀପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ସୋମବାର ସକାଳେ ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତିଙ୍କ ବୟସ ୩୦ରୁ ୪୦ ବର୍ଷ ମଧ୍ୟରେ ହେବ। ସେ ଏକ ଲୁଙ୍ଗି ପିନ୍ଧିଛନ୍ତି। ତାଙ୍କୁ କେହି ହତ୍ୟାକରି ଏଠାରେ ଫିଙ୍ଗିଦେଇଛି କି ନା, ତାହା ସନ୍ଦେହଘେରରେ ରହିଛି। କୋରାପୁଟ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପୀତବାସ ଧାରୁଆ କହିଛନ୍ତି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।

### ୮ ଜୁଆଡ଼ି ଗିରଫ

ଜୟପୁର,୨୫ା୧୧(ଡି.ଏନ୍.ଏ.): ଜୟପୁର ଏସ୍‌ଡିପିଓ ଭାବେ ଯୁବ ଆଇପିଏସ୍ ଅଧିକାରୀ ଭି. ବରୁଣ ଯୋଗଦେବା ପରେ ଜୁଆ ଆଡ୍ଡା ଉପରେ ଚଢ଼ାଉ ଜୋରଦାର ହୋଇଛି। ଜୟପୁର ସଦରଥାନା ପୋଲିସ ଗତ ରବିବାର ରାତିରେ ସ୍ଥାନୀୟ ବୈରାଗୀମଠ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ଏଥିରେ ୮ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୪୪ ହଜାର ୨୫୦ ଟଙ୍କା, ୭ଟି ବାଇକ, ୮ଟି ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ଜୟପୁର ସହରର ଅଟନ୍ତି। ଏସ୍‌ଆଇ ମୁକୁନ୍ଦଦେବ ନାୟକ ଓ ନାରାୟଣ ପଟ୍ଟନାୟକ ଏହି ଚଢ଼ାଉର ନେତୃତ୍ୱ ନେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ବୁଧବାର ଜୟପୁର ସଦରଥାନା ଦାମାପୁଟ ଗ୍ରାମରୁ ୭ଜଣ ଜୁଆଡ଼ିଙ୍କୁ ଗିରଫ କରିଥିଲା।

### ଡ୍ରାଇଭିଂ ଲାଇସେନ୍ସ ପାଇଁ ଲମ୍ବାଧାଡ଼ି

ବୈପାରୀଗୁଡ଼ା,୨୫ା୧୧(ଡି.ଏନ୍.ଏ.): ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ପରିବହନ ବିଭାଗ ପକ୍ଷରୁ ରବିବାର ଏକ ଅସ୍ଥାୟୀ ଡ୍ରାଇଭିଂ କ୍ୟାମ୍ପ ଅନୁଷ୍ଠିତ ହୋଇଛି। କୋରାପୁଟ ଏମ୍‌ଭିଆଇ ପ୍ରସନ୍ନ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଏହାକୁ ପରିଚାଳନା କରିଥିଲେ। ସକାଳ ୮ରୁ ସନ୍ଧ୍ୟା ୫ଟା ଯାଏ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ୨୫୦ ଜଣଙ୍କୁ ଲର୍ଣ୍ଣିଂ ଲାଇସେନ୍ସ ଦିଆଯାଇଥିଲା। ସମୟ ଅଭାବ କାରଣରୁ ବହୁ ଲୋକ ଫେରିଯାଇଥିଲେ। ଆସନ୍ତା ୧ରୁ ନୂଆ ଟ୍ରାଫିକ୍ ନିୟମ କଡ଼ାକଡ଼ି ଭାବେ ଲାଗୁ ହେବାକୁ ଥିବାବେଳେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବିଶେଷ କରି ଗାଁ ଗହଳିର ଲୋକେ ଏଠାରୁ ୫୦ କିମିରୁ ଅଧିକ ଦୂରରେ ଥିବା କୋରାପୁଟ ଯାଇ ଲାଇସେନ୍ସ ପାଇଁ ଆବେଦନ କରିବା କଷ୍ଟକର ହୋଇପଡୁଛି। ତେଣୁ ବ୍ଲକରେ ଖୁବଶୀଘ୍ର ଆଉ ଗୋଟିଏ କ୍ୟାମ୍ପ କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ଶ୍ରମିକଙ୍କୁ ବାନ୍ଧି ପିଟିଲେ ଗୁରୁତର ଅବସ୍ଥାରେ କୋରାପୁଟ ସ୍ଥାନାନ୍ତର

ଦଶମନ୍ତପୁର,୨୫ା୧୧(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ପରଜାବାରି କଣ୍ଟା ଗ୍ରାମର ଜଣେ ବ୍ୟକ୍ତି କାମ କରୁଥିବା ସ୍ଥାନରେ ୧୦ ଜଣ ଲୋକ ତାଙ୍କୁ ଦଉଡ଼ିରେ ବାନ୍ଧି ପିଟିଥିବା ଅଭିଯୋଗ ହୋଇଛି। ପୀଡ଼ିତ ହେଲେ ଡମ୍ବୁ ପରଜାଙ୍କ ପୁଅ ଭାସ୍କର ପରଜା (୪୦)। ତାଙ୍କର ଅପସ୍ମାର ରୋଗ ରହିଥିଲା। ସ୍ତ୍ରୀ ଚନ୍ଦ୍ରା, ୨ ପୁଅ ଓ ଗୋଟିଏ ଝିଅର ପେଟରେ ମୁଠାଏ ଦାନା ଯୋଗାଇବା ପାଇଁ ସେ ଗାଁଠାରୁ ଦେଢ଼ କିମି ଦୂର ମାଛପୁଟଠାରେ ନବନିର୍ମିତ ସାଇନ୍ସ କଲେଜର ହଷ୍ଟେଲ କାର୍ଯ୍ୟରେ ନିୟୋଜିତ ଥିଲେ। ମୁଖ୍ୟ ମିସ୍ତ୍ରି ଅଭିମନ୍ୟୁ ଡାକୁଆ ତାଙ୍କୁ ଦେଖି ବିରୋଧ କରିଥିଲେ। ଭାସ୍କର ରାଗିଯିବାରୁ ତାଙ୍କର ଅପସ୍ମାର ରୋଗ ବାହାରିଥିଲା। ସେ ଲୁହାଛଡ଼ ଧରି ମୁଖ୍ୟମିସ୍ତ୍ରୀଙ୍କୁ ତଡ଼ିଥିଲେ। ଏହା ଦେଖି ପାଖରେ ଥିବା ଅନ୍ୟ ୧୦ ଜଣ ମିସ୍ତ୍ରି ଓ ପାଖଲୋକେ ଭାସ୍କରଙ୍କୁ ଦଉଡ଼ିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ଭାସ୍କରଙ୍କ ମା' ବାଟାଇ ପରଜା ଅଭିଯୋଗ କରିଛନ୍ତି। ସ୍ଥାନୀୟ ପୋଲିସ ଖବର ପାଇ ଗୁରୁତର ଥିବା ଭାସ୍କରଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

### ନିୟମିତ ହେଲେ ୩୯ କନିଷ୍ଠ ଶିକ୍ଷକ

ବୈପାରୀଗୁଡ଼ା,୨୫ା୧୧(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକରେ କାର୍ଯ୍ୟରତ ୩୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ମିଳିଛି। ଏ ନେଇ ସୋମବାର ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ ଆଦେଶ ପତ୍ର ପ୍ରଦାନ କରିଛନ୍ତି। ଅବଶିଷ୍ଟ ୧୦ ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ମାନ୍ୟତା ପାଇଁ ପ୍ରକ୍ରିୟା ଚାଲିଛି।

■ ବାରିଣିପୁଟ ବିପଦସଙ୍କୁଳ ସରକାରୀ ଗୃହ ଭୁଶୁଡ଼ିବା ଘଟଣା

# କ୍ଷତିପୂରଣ ଦାବିରେ କାର୍ଯ୍ୟାଳୟ ଘେରାଉ

ଜୟପୁର,୨୫ା୧୧ (ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ସଦରଥାନା ବାରିଣିପୁଟରେ ଗତ ଶୁକ୍ରବାର ବିପଦସଙ୍କୁଳ ଗୃହ ଭୁଶୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହେବା ସହ ୩ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକ ଓ ଗୁରୁତରଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବା ଓ ବିପଦସଙ୍କୁଳ ଗୃହ ଭାଙ୍ଗିବା ପାଇଁ ଦାବି ଜଣାଇଛନ୍ତି ସ୍ଥାନୀୟ ଗ୍ରାମବାସୀ। କ୍ଷତିପୂରଣ ଦାବିକରି ପୂର୍ବାହ୍ନ ୬ରୁ ୭ଟା ପର୍ଯ୍ୟନ୍ତ ଗ୍ରାମବାସୀ ବାରିଣିପୁଟ ଛକରେ ଜୟପୁର-କୋରାପୁଟ ରାସ୍ତାର ଅବରୋଧ କରିଥିଲେ। ଘଟଣାସ୍ଥଳରେ ସଦରଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ତେବେ ଦାବି ପୂରଣ ନ ହେଲେ ଶନିବାରରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। କୋଲାବ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ମିଶ୍ର, ସଦରଥାନା ଏସ୍‌ଆଇ ମୁକୁନ୍ଦଦେବ ନାୟକଙ୍କ ଉପସ୍ଥିତିରେ ଗ୍ରାମବାସୀ ଆଲୋଚନା କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚ ଡାଳିମ୍ବ ଜାନୀ, ଜିଲା ଡମ ସଂଗଠନର ସଭାପତି ପବିତ୍ର ଖରା ଆଲୋଚନାରେ ଭାଗ ନେଇଥିଲେ। ଭାଙ୍ଗିଥିବା ଗୃହକୁ ୨୦୧୪ରୁ ବିପଦସଙ୍କୁଳ ଥିବା ଘୋଷଣା କରାଯାଇଥିଲେ ମଧ୍ୟ ଏହାକୁ ଭାଙ୍ଗିବା ପାଇଁ ଆବେଦନ ସତ୍ତ୍ୱେ ସରକାରୀ ଅନୁମତି ମିଳିନାହିଁ। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ କୌଣସି କ୍ଷତିପୂରଣ ବ୍ୟବସ୍ଥା ମଧ୍ୟ କରାଯାଉନାହିଁ। ମାନବିକତା ଦୃଷ୍ଟିରୁ କର୍ମଚାରୀମାନେ ନିଜ ମାସିକ ଦରମାରୁ ସ୍ୱଇଚ୍ଛାରେ ଦେଲେ ଉକ୍ତ ଟଙ୍କାକୁ ଗୁରୁତରଙ୍କ ଚିକିତ୍ସା ପାଇ ଦିଆଯିବ ବୋଲି ପ୍ରଶାସନ କହିଛି।

### ବିପଦସଙ୍କୁଳ ଅବସ୍ଥାରେ ୧୬୫ ଗୃହ

କୋଲାବ ଇରିଗେସନ ବିଭାଗ ଅଧୀନ ଜୟପୁର ଇରିଗେସନ କଲୋନୀରେ ରହିଥିବା ୩୩୨ଟି ଗୃହ ମଧ୍ୟରୁ ଗୋଟିଏ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେହିପରି ବାରିଣିପୁଟଠାରେ ଥିବା ୧୬୬ଟି ଗୃହ ମଧ୍ୟରୁ ୫୭ଟି ବିପଦସଙ୍କୁଳ ସ୍ଥିତିରେ ଅଛି। କୋଲାବ ନଗର, ଗାନ୍ଧିନଗର, ଆମ୍ବାଗୁଡ଼ା, କୋଟପାଡ଼, କୋରାପୁଟ, ବୈପାରୀଗୁଡ଼ା, ଶଶାହାଣ୍ଡି ଓ କୁସୁମିର ୯ଟି ସ୍ଥାନରେ ୧୪୨୦ଟି ଗୃହ ଥିବାବେଳେ ସେଥିରୁ ୧୦୭ଟି ବିପଦସଙ୍କୁଳ ରହିଛି। ଏହାକୁ ଭାଙ୍ଗିବା ପାଇଁ ଅତିଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।



ଜୟପୁରସ୍ଥିତ ସମବାୟ ବିଭାଗର ଶୀତଳଭଣ୍ଡାର ବିପଦସଂକୁଳ ଅବସ୍ଥାରେ ରହିଛି।

## ବିପଦସଙ୍କୁଳ ଗୃହ ଭାଙ୍ଗିବାକୁ ଉପଜିଲାପାଳଙ୍କ କଡ଼ା ତାଗିଦ୍

ଜୟପୁର,୨୫ା୧୧(ଡି.ଏନ୍.ଏ.)

ବାରିଣିପୁଟ ଘଟଣା ଯୋଗୁ ଚେତା ଫେରିବା ପରେ ଅନ୍ୟ କେଉଁଠି ପରିତ୍ୟକ୍ତ ଗୃହ ଓ ଭବନ ଭୁଶୁଡ଼ିବା ଆଶଙ୍କା କରି ତତ୍ପର ହୋଇପଡ଼ିଛି ପ୍ରଶାସନ। ଆସନ୍ତା ୭ ତାରିଖ ସୁଦ୍ଧା ବିପଦସଙ୍କୁଳ ଓ ପରିତ୍ୟକ୍ତ ଥିବା ଗୃହ ତଥା ଭବନର ଯାଞ୍ଚ କରିବା ପାଇଁ ଉପଜିଲାପାଳ ଜୟପୁର ଉପଖଣ୍ଡ ଅଞ୍ଚଳର ସମସ୍ତ ବିଡିଓ, ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀ, ପୌରସଂସ୍ଥା, ଗ୍ରାମ୍ୟ ଉନ୍ନୟନ ଓ ଅନ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ପରିତ୍ୟକ୍ତ ଓ ବିପଦସଙ୍କୁଳ ଗୃହ ତୁରନ୍ତ ଭଙ୍ଗାଯିବ ବୋଲି ସେ କହିଛନ୍ତି। ଉପଜିଲାପାଳଙ୍କ

**ଚେତିଲା ପ୍ରଶାସନ**

କାର୍ଯ୍ୟାଳୟ ପାର୍ଶ୍ୱସ୍ଥ ସମବାୟ ବିଭାଗର ପୁରାତନ ଶୀତଳ ଭଣ୍ଡାରକୁ ରାସ୍ତା ଓ ଗୃହନିର୍ମାଣ ବିଭାଗ ବିପଦସଙ୍କୁଳ ଭାବେ ଦର୍ଶାଇଛି। ଗତ ଏପ୍ରିଲ ୧୧ରେ ଉପଜିଲାପାଳ ଏହାକୁ ଭାଙ୍ଗିବା ପାଇଁ ଡିଆରସିଏସ୍‌ଙ୍କୁ ଚିଠି କରିଥିଲେ। କିନ୍ତୁ ୭ ମାସ ପରେ ବି ପଦକ୍ଷେପ ହୋଇନାହିଁ। ସୋମବାର ପୁଣି ଉପଜିଲାପାଳ ଚିଠି କରି ଅବଗତ କରିଛନ୍ତି। କୌଣସି ଅଘଟଣ ଘଟିଲେ ଏଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ ରହିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଶୀତଳ ଭଣ୍ଡାର ପରିସରରେ ସ୍ଥାନୀୟ ଯୁବକମାନେ ରାତିରେ ଭଲିବଲ ଖେଳୁଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବିଦ୍ୟୁତ ଚୋରି କରି ଖେଳ ଚାଲୁଛି। ଉପଜିଲାପାଳ ଏହା ଜାଣିବା ପରେ ତୁରନ୍ତ ବିଦ୍ୟୁତ ବିଚ୍ଛିନ୍ନ କରିବାକୁ ନିର୍ଦ୍ଦେଶ ଦେବା ସହ ଏହା ନ ହେଲେ ଥାନାରେ ଏତଲା ଦିଆଯିବ ବୋଲି କହିଛନ୍ତି। ଜୟପୁର ସହରର ଅଡିଟ କଲୋନୀ, ଫରେଷ୍ଟ କଲୋନୀ, ଇରିଗେସନ କଲୋନୀ, ରାଜସ୍ୱ କଲୋନୀର ସରକାରୀ ଭବନ ପରିତ୍ୟକ୍ତ ଓ ବିପଦସଙ୍କୁଳ ରହିଛି। କିଛି ଗୃହରେ ଜବରଦଖଲକାରୀ ରହୁଛନ୍ତି।

# ୮୦ ଏକର ଗଞ୍ଜେଇ ଚାଷ ନଷ୍ଟ

କୋରାପୁଟ/ଲମତାପୁଟ, ୨୫ା୧୧(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଏସ୍‌ପି ଓ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ପୋଲିସ, ଅବକାରୀ, ବନ ଓ ରାଜସ୍ୱ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷ ଉପରେ ମିଳିତ ଚଢ଼ାଉ ହୋଇଛି। ଲମତାପୁଟ ବ୍ଲକର ବାଲେଲ ପଞ୍ଚାୟତର ପାଲାମ, ମାହାଡ଼ା, ପିପଲପୁଟ ଅଞ୍ଚଳରେ ଚଢ଼ାଉ କରାଯାଇ ୮୦ ଏକର ଜମିରେ ବେଆଇନ ଭାବେ ଚାଷ କରାଯାଇଥିବା ପ୍ରାୟ ୧ ଲକ୍ଷ ୨୦ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ମାଛକୁଣ୍ଡ ଥାନା, ଲମତାପୁଟ ଫାଣ୍ଡି ଅଧିକାରୀ ମହେଶ୍ୱର କିର୍ସାନି ଓ ଅବକାରୀ ବିଭାଗ ଅଧିକାରୀ, ମାଜିଷ୍ଟ୍ରେଟ ଭାବେ ଲମତାପୁଟ ତହସିଲଦାର ସ୍ନେହପ୍ରଭା ମାଝି ଉପସ୍ଥିତ ଥିଲେ। ନଷ୍ଟ କରାଯାଇଥିବା ଗଞ୍ଜେଇର ମୂଲ୍ୟ ୧୫ କୋଟି ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି।



ଗଞ୍ଜେଇଗଛ କାଟି ନଷ୍ଟ କରାଯାଉଛି।

## ବରିଷ୍ଠ ନାଗରିକଙ୍କ ରଣହୁଙ୍କାର 'କର ବା ମର'

ଜୟପୁର,୨୫ା୧୧(ଡି.ଏନ୍.ଏ.)

ଜୟପୁର ସିଟିଜନ କମିଟିର କାର୍ଯ୍ୟକାରିଣୀ ବୈଠକ ରବିବାର ସଭାପତି ମୀନକେତନ ପରିଚ୍ଛାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନ, ପୋଲିସ ଓ ପୌରସଂସ୍ଥା ନିକଟରେ ଦାବି ଉପସ୍ଥାପନା କରାଯାଇଥିଲେ ସୁଦ୍ଧା କେହି ଏହାର ସମାଧାନ କରୁନାହାନ୍ତି। ଐତିହାସିକ ଜଗନ୍ନାଥ ସାଗରରୁ ଜବରଦଖଲ ଉଚ୍ଛେଦ, ସୌନ୍ଦର୍ଯ୍ୟକରଣ, ଜମି ହସ୍ତାନ୍ତରଯୋଗ୍ୟ ନୁହେଁ ଉଚ୍ଛେଦ, ଟ୍ରାଫିକ, ରାସ୍ତା ଓ ଡ୍ରେନ ଅବ୍ୟବସ୍ଥା, ବୁଲା କୁକୁର ଓ ଗାଈଙ୍କ ପ୍ରାଦୁର୍ଭାବ ଭଳି ସମସ୍ୟାର ସମାଧାନ ପାଇଁ କମିଟି ବାରମ୍ବାର ଦାବି ଜଣାଇଥିଲା। ତେଣୁ ଡିସେମ୍ବର ଶେଷ ସପ୍ତାହରେ 'କର ବା ମର' ସ୍ଲୋଗାନ ଦେଇ ପ୍ରଶାସନ ଓ ପୌରସଂସ୍ଥା ବିରୋଧରେ ସହରରେ ଆନ୍ଦୋଳନ, ସାଧାରଣ ସଭା ଦ୍ୱାରା ଜନ ସଚେତନା କରାଯିବା ପାଇଁ ସାଧାରଣ ସଂପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କ ପ୍ରସ୍ତାବ କ୍ରମେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ଗ୍ରହଣ କରାଯାଇଛି। ଆସନ୍ତା ୨୨ ତାରିଖରେ ରଣ୍ଡାପାଲ୍ଲିରେ ସାଧାରଣ ପରିଷଦ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନିଆଯିବ। ଏହି ବୈଠକରେ ଜଗନ୍ନାଥ ମିଶ୍ର, ଆଲୋକ ଚୌଧୁରୀ, ରାମ ନାୟକ, ବିନୋଦିନୀ ସାନ୍ତ୍ରାପାତ୍ର, ପରମେଶ୍ୱର ପାତ୍ରଙ୍କ ସମେତ ୧୭ ଜଣ ଉପସ୍ଥିତ ଥିଲେ।

## ମା' ଛେଉଣ୍ଡ ହେଲା ୧୬ ଦିନର ଶିଶୁ

ଦଶମନ୍ତପୁର,୨୫ା୧୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତ ଆମିଳିଆମ୍ବ ଗ୍ରାମରେ ଜଣେ ୧୬ ଦିନର ଶିଶୁ ମା' ଛେଉଣ୍ଡ ହୋଇଛି। ଗ୍ରାମର ଆଦିବାସୀ ସାହିର ସୁବାସ ମୁଦୁଲିଙ୍କ ସ୍ତ୍ରୀ ଗୁଲି ମୁଦୁଲି ଛୁଆ ଜନ୍ମ ଦେବାର ୧୬ ଦିନ ପରେ ତାଙ୍କର ମୃତ୍ୟୁ ହୋଇଛି। ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ରାତି ପ୍ରାୟ ସାଢ଼େ ଗୋଟାଏରେ ତାଙ୍କୁ ୨ଟି ସାଲାଇନ ଦିଆଯାଇଥିଲା। ସେହି ସମୟରେ ସେ ମୂର୍ଚ୍ଛା ଯିବା ପରି ହୋଇଥିଲେ। ଭୋର୍ ୪ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁଲିଙ୍କ ପୂର୍ବରୁ ୨ଟି ଝିଅ ଅଛନ୍ତି। ତାଙ୍କ ମୃତ୍ୟୁ ପରେ ୩ ଶିଶୁ ଏବେ ମା' ଛେଉଣ୍ଡ ହୋଇପଡ଼ିଛନ୍ତି। ସେମାନଙ୍କ ଭବିଷ୍ୟତ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକ।

## ଡକାୟତି ମାମଲାରେ ୫ ଗିରଫ



ଉଦ୍ଧାର ହୋଇଥିବା ଲୁଟ୍ ସାମଗ୍ରୀ ଓ ଗିରଫ ଅଭିଯୁକ୍ତମାନେ।

ସେମିଳିଗୁଡ଼ା/ସୁନାବେଡ଼ା, ୨୫ା୧୧(ସ୍ୱ.ପ୍ର./ଡି.ଏନ୍.ଏ.)

ସୁନାବେଡ଼ା ହାଲ ପରିସରରେ ଥିବା କ୍ୱାର୍ଟର ନମ୍ବର ଏମ୍/୪ରୁ ଗତ ୧୬ ତାରିଖ ଚୋରି ହୋଇଥିବା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରାଯାଇଥିବା ସୋମବାର ସୁନାବେଡ଼ା ଏସ୍‌ଡିପିଓ ଓ ଆଇଆଇସି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ୫ ଜଣଙ୍କ ମଧ୍ୟରୁ ଚୋରି ଘଟଣାରେ ମନୋଜ ବେନିଆ (୨୦), ବୁବୁ ଖରା (୧୯), ଆକାଶ ହିଆଲ (୧୯) ସମ୍ପୃକ୍ତ ଥିଲେ। ଅନ୍ୟ ଦୁଇ ଜଣ ଦିବାକର ଖରା ଓ ବିକାଶ ଖରା ସୁନା ବନ୍ଧା ରଖିଥିଲେ। ପୋଲିସ ଗିରଫ ପରେ ସେମାନଙ୍କ ପାଖରୁ ୨୦୦ ଗ୍ରାମ ସୁନା, ୩୦୦ ଗ୍ରାମ ରୁପା ସହ ୨ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ଡିପିଓଙ୍କ ନିର୍ଦ୍ଦେଶ କ୍ରମେ ଦୁଇଟି ସ୍ୱତନ୍ତ୍ର ଟିମ କରାଯାଇଥିଲା। ସୁନାବେଡ଼ା ଥାନା କେସ୍ ନମ୍ବର ୧୮୧/୨୦୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ୪୮ ଅଭିଯୋଗ ଶୁଣିଲେ ଜିଲାପାଳ

ସେମିଳିଗୁଡ଼ା,୨୫ା୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକରେ ସୋମବାର ଜିଲାପାଳ ମଧୁସୂଦନ ମିଶ୍ର ୪୮ଟି ଅଭିଯୋଗ ଶୁଣିଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାର ୪ଟି ବ୍ଲକ ଓ ଗୋଟିଏ ପୌରାଞ୍ଚଳର ବହୁ ଜନସାଧାରଣ ଅଭିଯୋଗ ଧରି ପହଞ୍ଚିଥିଲେ। ସେବାଶ୍ରମରେ ପିଡିଏସ୍ ଚାଉଳ ଠିକ୍‌ଭାବେ ମିଳୁନ ଥିବା ଅଭିଯୋଗ ଆସିଥିଲା। ବାସଗୃହ ପାଇଁ ଭିନ୍ନକ୍ଷମଙ୍କୁ ସରକାର ଜମି ଦେଇଥିବା ବେଳେ ଲୁଙ୍ଗୁରୀ ଗ୍ରାମବାସୀ ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଥିବା ଅଭିଯୋଗ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ, ସିସି ରୋଡ, ପାନୀୟ ଜଳ ଓ ପରିମଳ ସମସ୍ୟା ଉପସ୍ଥାପନ କରାଯାଇଥିଲା। ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ମୁକେଶ କୁମାର ଭାମୁ, ଡିଏଫ୍‌ଓ ରିଙ୍କୁ କୁମାରୀ, ସେମିଳିଗୁଡ଼ା ବିଡିଓ ସବ୍ୟସାଚୀ ବେହେରା, ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା ଉପସ୍ଥିତ ଥିଲେ।



ଜିଲାପାଳ ମଧୁସୂଦନ ମିଶ୍ର ଅଭିଯୋଗ ଶୁଣୁଛନ୍ତି।

## ରାସ୍ତାକୁ ମାଡ଼ିଆସି ବାଇକ୍‌କୁ ପିଟିଲା ଭ୍ୟାନ୍

ଜୟପୁର,୨୫ା୧୧(ଡି.ଏନ୍.ଏ.)

ଜୟପୁର ବାଇପାସ୍ ରୋଡ ସୌରାସାହି ନିକଟରେ ଏକ ଭ୍ୟାନ ଧକ୍କାରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ବାଇପାସ୍ ରୋଡସ୍ଥିତ ଏକ ସର୍ଭିସିଂ ସେଣ୍ଟରରେ ସୋମବାର ଅପରାହ୍ନରେ ଭ୍ୟାନ (ଓଡି ୧୦ବି ୯୮୫୫)କୁ ଧୋଇବା ପରେ ସେଠାକାର ଜଣେ ଶ୍ରମିକ ଗାଡ଼ି ଷ୍ଟାର୍ଟ କରିଥିଲେ। କିନ୍ତୁ ଭ୍ୟାନ୍‌ଟି ହଠାତ୍ ଦ୍ରୁତଗତିରେ ଆଗକୁ ମାଡ଼ିଯାଇ ବାମ ପାର୍ଶ୍ୱରେ ଆସୁଥିବା ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ଓ ଅନ୍ୟ ଜଣେ ଆରୋହୀ ଛିଟ୍‌କି ପଡ଼ିଥିଲେ। ଭ୍ୟାନ୍‌ଟି ଡ୍ରେନ ଡେଇଁ ଉକ୍ତ ବାଇକ ଉପରେ ଚଢ଼ିଯାଇଥିଲା। କିନ୍ତୁ ବାଇକ ଚାଳକଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବାଇକ ଚାଳକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସ୍ଥାନୀୟ ବାସିନ୍ଦା ସର୍ଭିସିଂ କର୍ମଚାରୀଙ୍କୁ ଗିରଫ କରିବା ଓ କ୍ଷତିପୂରଣ ଦାବି କରିବାରୁ ଉତ୍ତେଜନା ଦେଖାଦେଇଥିଲା।



ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍।

## ଅଟୋ ଓଲଟିଲା ୨ ମୃତ, ୭ ଆହତ

କୋରାପୁଟ,୨୫ା୧୧(ସ୍ୱ.ପ୍ର.)

କୋରାପୁଟ ସହରରୁ କାମ ସାରି ସୋମବାର ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ କୋରାପୁଟ ପୌର ପରିଷଦ ଅଧୀନ ରେଲିକୁମ୍ବା ଗ୍ରାମର ୧୦ରୁ ୧୨ ଜଣ ଶ୍ରମିକ ଥିଲେ। ଦୁର୍ଘଟଣାରେ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚଞ୍ଚଳା ମୁଦୁଲି (୧୮) ଓ ପଦ୍ମା ମୁଦୁଲି (୨୮)। ଅନ୍ୟ ୭ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଟୋଟି ଦ୍ରୁତଗତିରେ ଫେରୁଥିବା ବେଳେ ଅଶୋକନଗର ନିକଟରେ ଭାରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। କୋରାପୁଟ ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଥାନା ଅଧିକାରୀ ପୀତବାସ ଧାରୁଆ ପ୍ରକାଶ କରିଛନ୍ତି।

# ଅନୈତିକ ସମ୍ପର୍କ: ଯୁବକ, ବିବାହିତା ମହିଳାଙ୍କୁ ଗାଁ ଦାଣ୍ଡରେ ବାନ୍ଧି ନିସ୍ତୁକ ମାଡ଼

ବୈପାରୀଗୁଡ଼ା,୨୫ା୧୧(ଡି.ଏନ୍.ଏ.)

**ମାଡ଼ ମାରିବାବେଳର ଭିଡିଓ ଭାଇରାଲ**

ଜଣେ ବିବାହିତା ମହିଳାଙ୍କ ସହ ଅନ୍ୟ ଜଣେ ବିବାହିତା ଯୁବକଙ୍କ ଅନୈତିକ ସଂପର୍କ ଜଣାପଡ଼ିବା ପରେ ଗାଁ ଲୋକେ ଉଭୟଙ୍କୁ ବାନ୍ଧି ଅଭିଯୁକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ତେବେ ଏହାର ଭିଡିଓ କେହି ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହା ଭାଇରାଲ ହୋଇଛି। ବୈପାରୀଗୁଡ଼ା ବ୍ଲକ ଦଶମନ୍ତପୁର ପଞ୍ଚାୟତ ଗିର୍ଲିପୁଟ ଗ୍ରାମରେ ଗତ ଶୁକ୍ରବାର ରାତିରେ ଏଭଳି ଘଟଣା ଘଟିଛି। ସେହି ଗ୍ରାମର ଜଣେ ବିବାହିତ ମହିଳାଙ୍କ ସହ ନିକଟସ୍ଥ ମାଝିଗୁଡ଼ା ଗ୍ରାମର ଜଣେ ବିବାହିତ ଯୁବକଙ୍କ ସହ ବହୁଦିନ ହେଲା ଅନୈତିକ ସଂପର୍କ ରହିଆସିଥିଲା। ଶୁକ୍ରବାର ରାତିରେ ଗାଁ ଲୋକଙ୍କ ହାତରେ ସେମାନେ ଧରାପଡ଼ିବା ପରେ ଉତ୍ତେଜିତ ଲୋକେ ଉଭୟଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଏହାର ଭିଡିଓରେ ମହିଳାଙ୍କ ଚେହେରା ଅସ୍ପଷ୍ଟ ଦେଖାଯାଉଥିବା ବେଳେ ଯୁବକ ଜଣକ ଲହୁଲୁହାଣ ଅବସ୍ଥାରେ ମେଡିକାଲକୁ ନେବା ପାଇଁ ବାରମ୍ବାର ନେହୁରା ହେଉଥିବା ଦେଖିବାକୁ ମିଳିଛି। ପରେ ଉକ୍ତ ଯୁବକଙ୍କୁ ସମ୍ପର୍କୀୟମାନେ ଉଦ୍ଧାର କରି କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି। ଏ ନେଇ କୌଣସି ପକ୍ଷ ଥାନାରେ ଏତଲା ଦେଇ ନ ଥିବା ବୈପାରୀଗୁଡ଼ା ଥାନା ଅଧିକାରୀ ମହେନ୍ଦ୍ର ସାହୁ କହିଛନ୍ତି। ଗାଁ ଲୋକେ ଆଇନ୍ ହାତକୁ ନେବା ଉଚିତ ନ ଥିଲା। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅଭିଯୁକ୍ତ ଯୁବକ ଜଣକ ଏକ ରାଜନୈତିକ ଦଳ ସହ ସମ୍ପୃକ୍ତ ଥିବାବେଳେ ଉଭୟ ପକ୍ଷ ମଧ୍ୟରେ ସମାଧାନ ପାଇଁ ପ୍ରୟାସ ଚାଲିଛି।

